# ସତ୍ୟବାଣୀ

## THE VOICE OF TRUTH

Nov & Dec, 1999

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

CHURCH OF CHRIST
P.O. Box No. 80, KAKINADA,
A.P. - 533 001
Ph. 0884 - 63722

Vol. 4 November & December, 1999

Published every two months in O
Language for the Restoration of
New Testament Christianity

**FREE!** **FREE!!** **F**

Study the Bible in the quiet of your own home. E
yourself in the **BASIC BIBLE COURSE** in
language. Complete the course and obtain a co
Oriya Holy Bible obsolutely free! Send your ad
today to:

**THE DIRECTOR**
**BIBLE CORRESPONDENCE COURSE**
**P.O. Box. 80, KAKINADA - 533 001.**

# ସତ୍ୟ ବାଣୀ

# VOICE OF TRUTH

Vol - VI . KAKINADA NOV-DEC - V


## ଦାନ ସଂଗ୍ରହ
## ( Giving )

ଦାନ ସଂଗ୍ରହ ଖ୍ରୀଷ୍ଟୀୟ ଉପାସନାର ଏକ ଅଭିନ୍ନ ଅଂଶ । ଏହି ବିଷୟରେ ବାଇବଲ ସ୍ପଷ୍ଟଭାବେ ଶିକ୍ଷା ଦେବା ସତ୍ତ୍ୱେ, ଅନେକ ଦାନ ସଂଗ୍ରହର ଉଦ୍ଦେଶ୍ୟ ବିଷୟରେ ଅଜ୍ଞ ଅଟନ୍ତି । ଏହି ବିଷୟରେ ବାକ୍ୟ କଅଣ କହେ ? :—

୧ମ କରନ୍ଥୀ ୧୬ : ୧, ୨ ପଦରେ ଲେଖାଯାଏ, "ସାଧୁମାନଙ୍କ ନିମନ୍ତେ ଦାନ ସଂଗ୍ରହ ସମ୍ବନ୍ଧରେ ଯେପରି ମୁଁ ଗାଲାତିଆର ମଣ୍ଡଳୀ ସମୂହକୁ ଆଦେଶ ଦେଇଅଛି । ତୁମ୍ଭେମାନେ ମଧ୍ୟ ସେହିପରି କର । ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ । ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ" । ଏହି ବାକ୍ୟରୁ ଆମ୍ଭେମାନେ କେତୋଟି ସତ୍ୟତା ଜାଣିପାରୁ । ଯଥା :—

ସପ୍ତାହର ପ୍ରଥମ ଦିନରେ ଦାନ ସଂଗ୍ରହ କରିବା ଆବଶ୍ୟକ କାରଣ ସେହି ଦିନରେ ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କ ଉପାସନା ନିମନ୍ତେ ଏକତ୍ରିତ ହୋଇଥାନ୍ତି । ଅନ୍ୟ ଦିନମାନଙ୍କରେ ଦାନସଂଗ୍ରହ କରିବା ନିମନ୍ତେ ଆମ୍ଭେମାନେ ଆଜ୍ଞାପିତ ହୋଇ ନାହୁଁ । ସପ୍ତାହର ଅନ୍ୟ ଦିନ ମାନଙ୍କରେ ପ୍ରାର୍ଥନା, ବାକ୍ୟ ଧ୍ୟାନ ନିମନ୍ତେ ଏକତ୍ରିତ ଖ୍ରୀଷ୍ଟିୟାନମାନେ ଦାନଦେବା ବାକ୍ୟଗତ ନୁହେଁ । ଯଦିଓ ଏହି ପ୍ରଥା ଆମ୍ଭେମାନେ ଅନେକ ଖ୍ରୀଷ୍ଟିୟ ମତ ଶାଖା ମାନଙ୍କରେ ଦେଖିବାକୁ ପାଉ ।

ପୂର୍ବ ସପ୍ତାହରେ ଅର୍ଜିତ ରୋଜଗାରରୁ କିଛି ପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ଦାନ ଅର୍ପଣ କରିବା ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କ କର୍ତ୍ତବ୍ୟ ଅଟେ । ଦାନ ଦେବାକୁ ଅସମର୍ଥମାନଙ୍କ ନିକଟରୁ ପ୍ରଭୁ ଅବଶ୍ୟ ପ୍ରତ୍ୟାଶା କରନ୍ତି ନାହିଁ । କିନ୍ତୁ ସମର୍ଥ ବ୍ୟକ୍ତି ଉପାସନାରେ ଦାନ ନଦେବା ପାପରୂପେ ପରିଗଣିତ ହୁଏ ।

ଦାନ କେବଳ ଟଙ୍କା ରୂପରେ ଅର୍ପଣ କରିବା ନିମନ୍ତେ ଅବଶ୍ୟ ଆମ୍ଭେମାନେ ଆଜ୍ଞାପିତ ହୋଇନାହୁଁ । ମନୁଷ୍ୟମାନଙ୍କ ସ୍ୱହସ୍ତ ଅର୍ଜିତ ପଦାର୍ଥ ଉ: ସ୍ୱ – ଫସଲ, ପଶୁ, ପକ୍ଷୀ ଇତ୍ୟାଦି ମଧ୍ୟ ଅର୍ପଣ କରି ପାରୁ । ମନୁଷ୍ୟମାନଙ୍କ ଅର୍ପଣ ଦେଶ, ଅଞ୍ଚଳ, ପରିସ୍ଥିତି ଉପରେ ନିର୍ଭର କରିଥାଏ ।

ଆମ୍ଭମାନଙ୍କ ଅଭିବୃଦ୍ଧି ଅନୁଯାୟୀ ଆମ୍ଭେମାନେ ଦାନ ଅର୍ପଣ କରିବା ନିମନ୍ତେ ଆଜ୍ଞାପିତ ହୋଇଅଛୁ । ପ୍ରଶ୍ନ ଉଠେ ଆମ୍ଭେମାନେ କେଉଁ ପରିମାଣରେ ଦାନ ଦେବା ଆବଶ୍ୟକ ? ପୁରାତନ ନିୟମାଧିନ ଈଶ୍ରାଏଲମାନେ ଦଶମ ଭାଗ ଅର୍ପଣ କରିବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । କିନ୍ତୁ ନୂତନ ନିୟମରେ ଦଶମ ଭାଗ ବିଷୟରେ କିଛି ଉଲ୍ଲେଖ କରାଯାଏ ନାହିଁ । ଯିହୁଦୀମାନଙ୍କ ଠାରୁ ଶ୍ରେଷ୍ଠତର ନିୟମାଧିନ ଯେ ଆମ୍ଭେମାନେ, ଆମ୍ଭେମାନେ ସେମାନଙ୍କ ଠାରୁ କମ୍ ଦେବା କି ନ୍ୟାୟଯୁକ୍ତ ? ଆମ୍ଭେମାନେ ଶ୍ରେଷ୍ଠତର ନିୟମ ଭରସାର ଅଧିକାରୀ ହୋଇଥିବାରୁ ଆମ୍ଭେମାନେ ସେମାନଙ୍କ ଠାରୁ ଅଧିକ ଦାନ ଦେବା ଆବଶ୍ୟକ । ମନୁଷ୍ୟମାନେ ଆପଣା ଅଭିଳାଷ ନିମନ୍ତେ ବ୍ୟର୍ଥରେ ବ୍ୟୟ କରନ୍ତି, କିନ୍ତୁ ପ୍ରଭୁଙ୍କ ଦାନ ବିଷୟରେ କୁଣ୍ଠିତ ଅଟନ୍ତି । ଆମ୍ଭମାନଙ୍କ ଅର୍ପଣ ପ୍ରଭୁଙ୍କ ଅଜ୍ଞାତ ନୁହେଁ । କାରଣ ସେ ସର୍ବଅନ୍ତର୍ଯ୍ୟାମୀ ପରମେଶ୍ୱର ଅଟନ୍ତି ।

ପାଉଲଙ୍କ ଆଗମନ ପରେ ସେମାନଙ୍କୁ ଯେପରି ଦାନ ସଂଗ୍ରହ କରିବାକୁ ନ ପଡ଼େ ସେଥିପାଇଁ ସେମାନେ ଆପଣା ଆପଣା ରୋଜଗାରରୁ କିଛି କିଛି ସଞ୍ଚୟ କରିବା ନିମନ୍ତେ ସେ କରିନ୍ଥୀ ଆଦେଶ ଦେଇ ଅଛନ୍ତି । ଆଜ୍ଞାପିତ ହେବାନୁଯାୟୀ ଖ୍ରୀଷ୍ଟିୟାନମାନେ

ଦାନ ଅର୍ପଣ କଲେ । ପ୍ରଭୁଙ୍କ କାର୍ଯ୍ୟ ସମାପନରେ କୌଣସି ଅଭାବ ହେବ ନାହିଁ । ପ୍ରଭୁ ଆମ୍ଭମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ମାର୍ଗ ଦେଖାଇ ଦେଇ ଅଛନ୍ତି, ତାହା ପାଳନ କରିବା ଆଶୀର୍ବାଦ ଦାୟକ ।

୨ୟ କରିନ୍ଥୀ ୯ : ୬,୭ ପଦରେ କୁହାଯାଏ, କିନ୍ତୁ ଏହା ସତ୍ୟ ଯେ ଅଳ୍ପ ବୁଣେ ସେ ମଧ୍ୟ ଅଳ୍ପ କାଟିବ, ଆଉ ଯେ ପ୍ରଚୁର ବୁଣେ, ସେ ମଧ୍ୟ ପ୍ରଚୁର କାଟିବ ପ୍ରତ୍ୟେକ ଜଣ ଆପଣା ହୃଦୟରେ ଯେପରି ସଂକଳ୍ପ କରିଅଛି । ସେହିପରି କରୁ କୁଣ୍ଠିତ ଭାବରେ ନୁହେଁ ଅବା ବାଧ୍ୟ ବାଧକତା ହେତୁରୁ ନୁହେଁ, କାରଣ ଈଶ୍ବର ହୃଷ୍ଟଚିତ୍ତ ଦାତାକୁ ଭଲପାଆନ୍ତି । ଏହି ବାକ୍ୟରୁ ଆମ୍ଭେମାନେ ଆଉ କେତୋଟି ବିଷୟ ଜାଣିପାରୁ ଯଥା :... ।

ଆମ୍ଭେମାନେ ଯେଉଁ ପରିମାଣରେ ବୁଣୁ, ସେହି ପରିମାଣରେ ଶସ୍ୟ କାଟୁ । ଅଳ୍ପ ବୁଣିଲେ, ଅଳ୍ପ କାଟିବ । ପ୍ରଚୁର ବୁଣିଲେ ପ୍ରଚୁର କାଟିବା । ଏହା କେବଳ ଦାନ ସଂଗ୍ରହ ବିଷୟରେ ନୁହେଁ, କିନ୍ତୁ ପ୍ରତ୍ୟେକ ବ୍ୟବସାୟ ବିଷୟରେ ମଧ୍ୟ ସତ୍ୟ ଅଟେ । ଅନେକ କିଛି କାଟନ୍ତି ନାହିଁ, କାରଣ ସେମାନେ କିଛି ବୁଣନ୍ତି ନାହିଁ । ମଣ୍ଡଳୀର କାର୍ଯ୍ୟ ନିମନ୍ତେ ଦାନ ନ ଦେଇ ବରଂ ଅନ୍ୟ ପକ୍ଷରେ ମଣ୍ଡଳୀ ସେମାନଙ୍କ ଅଭାବ ପୂରଣ କରିବା ଆବଶ୍ୟକ ବୋଲି ଅନେକଙ୍କ ମନୋଭାବ । କାରଣ ପ୍ରଭୁଙ୍କ ବାକ୍ୟରେ ସେମାନେ ସମ୍ପୂର୍ଣ୍ଣ ବିଶ୍ବାସ କରନ୍ତି ନାହିଁ । ପ୍ରଚୁର ବୁଣି ପ୍ରଚୁର କାଟିବା ନିମନ୍ତେ ଆସ ଆମ୍ଭେମାନେ ତାହାଙ୍କୁ ପରୀକ୍ଷା କରୁ ।

ଅନ୍ୟ ମନସ୍କ କିଅବା ଅସ୍ଥିର ମନରେ ଦାନ ନ ଦେଇ ଆପଣା ହୃଦୟର ସଂକଳ୍ପାନୁଯାୟୀ ଦାନ ଦେବା ନିମନ୍ତେ ଉପଦେଶକ ବାକ୍ୟ ଆମ୍ଭମାନଙ୍କୁ ଚେତନା ଦିଏ । ଉପାସନାରେ ଉପସ୍ଥିତ ହେବା ପୂର୍ବେ, ଆମ୍ଭେମାନେ କେତେ ଦାନ ଦେବା ନିର୍ଣ୍ଣୟ କରିବା ଆବଶ୍ୟକ ।

ଆମ୍ଭମାନଙ୍କ ଦାନ ବାଧବାଧକତା ହେତୁ କିମ୍ବା କୁଣ୍ଠିତ ଭାବେ ନ ହେଉ କାରଣ ସେହିପରି ଦାନ ପ୍ରଭୁଙ୍କ ଗ୍ରାହ୍ୟ ଯୋଗ୍ୟ ନୁହେଁ ।

ହୃଷ୍ଟଚିତ୍ତରୁ ଦାନ ପ୍ରଭୁଙ୍କ ଗ୍ରାହ୍ୟ ଯୋଗ୍ୟ । ଏହିପରି ଦାତା ହେବା ନିମନ୍ତେ ପ୍ରଭୁ ଆମ୍ଭମାନଙ୍କୁ ସକ୍ଷମ କରନ୍ତୁ । ଶେଷରେ ପ୍ରଭୁ କହନ୍ତି । ଗ୍ରହଣ କରିବା ଅପେକ୍ଷା ଦାନ କରିବା ଅଧିକ ଶ୍ରେୟସ୍କର ବୋଲି ମନେ କରନ୍ତୁ । ଆମ୍ଭମାନଙ୍କ ହୃଦୟର ଲୋଭ ଓ କୁଣ୍ଠିତ ଭାବ ହେତୁ ଆମ୍ଭେମାନେ ତାହାଙ୍କ ପ୍ରାପ୍ୟ ଦାନରୁ ଲୁଣ୍ଠନ କରୁଅଛୁ । ତାହାଙ୍କ ପ୍ରାପ୍ୟ ତାହାଙ୍କୁ ଦେଇ ଆସ ଆମ୍ଭେମାନେ ପ୍ରଭୁଙ୍କ ପ୍ରକୃତ ଅନୁଚର ହେଉଁ । ତାହାଙ୍କ ବାକ୍ୟାନୁଯାୟୀ ଦାନ ନ ଦେଲେ, ଆମ୍ଭେମାନେ କେବେ ହେଁ ପ୍ରକୃତ ଖ୍ରୀଷ୍ଟିୟାନ ହୋଇ ପାରିବା ନାହିଁ ।

—J. C. Choate

—o—

# ପ୍ରାର୍ଥନା ଦ୍ୱାରା ପରମେଶ୍ୱରଙ୍କ ଉପାସନା

ପ୍ରାର୍ଥନା ଦ୍ୱାରା ସୃଷ୍ଟି କର୍ତ୍ତାଙ୍କ ସହିତ, ସନ୍ତାନ ଆପଣା ପିତାଙ୍କ ସହିତ ଆତ୍ମା ଆତ୍ମାର ଜନକ ସହିତ ବିଶ୍ୱାସୀ, ବିଶ୍ୱାସୀର ପିତା ସହିତ ସମ୍ବନ୍ଧ ରଖିଥାଏ । ପ୍ରାର୍ଥନା ଦ୍ୱାରା ସନ୍ତାନ ଆପଣା ଆର୍ତ୍ତନାଦ ଆପଣା ପିତାଙ୍କ ସମ୍ମୁଖରେ ଉପସ୍ଥାପିତ କରିଥାଏ । ପବିତ୍ର ବାଇବଲର ତିନୋଟି ଘଟଣାରୁ ଆମ୍ଭେମାନେ ପ୍ରାର୍ଥନାକୁ ବିଶ୍ଳେଷଣ କରି ପାରିବା ।

ଆହାବ ରାଜାଙ୍କ ରାଜତ୍ୱ ସମୟରେ ଭବିଷ୍ୟଦ୍‌ବକ୍ତା ଏଲୀୟ ଓ ବାଲ ଦେବତାଅନୁଗାମୀ ଭବିଷ୍ୟଦ୍‌ବାଦୀମାନଙ୍କ ମଧ୍ୟରେ ମହାସଂଘର୍ଷ ହେଲା । ବାଲ ପୂଜକମାନେ ଯଜ୍ଞ ବେଦିରେ ବୃଷ ନେଇ ପ୍ରାତଃ କାଳରୁ ସନ୍ଧ୍ୟାକାଳ ପର୍ଯ୍ୟନ୍ତ ସ୍ୱର୍ଗରୁ ଅଗ୍ନି ପାଇଁ ବାଲ ଦେବତା ନିକଟରେ ପ୍ରାର୍ଥନା କରି ନିରୁତ୍ସାହିତ ହେଲେ । ସନ୍ଧ୍ୟା ସମୟରେ ଏଲୀୟ ଇଶ୍ରାଏଲର ବାର ଗୋଷ୍ଠୀର ସଂଖ୍ୟାନୁସାରେ ବାରପଥରରେ ଯଜ୍ଞ ବେଦୀ ନିର୍ମାଣ କରି ବୃଷକୁ ଖଣ୍ଡ ଖଣ୍ଡ କରି ବୃଷକୁ କାଷ୍ଠ ଉପରେ ସଜାଇ ଯଜ୍ଞ ବେଦିର ଚତୁପାର୍ଶ୍ୱରେ ଦୁଇ ମହଣ ବିହନ ଧରିଥିବା ଭଳି ଖାଇ ଜଳରେ ପୂର୍ଣ୍ଣ କରି ପିତା ପରମେଶ୍ୱରଙ୍କୁ ପ୍ରାର୍ଥନା କରି କହିଲେ, 'ତୁମ୍ଭେ ସଦାପ୍ରଭୁ ଯେ ପରମେଶ୍ୱର ଅଟ ଓ ତୁମ୍ଭେ ଯେ ସେମାନଙ୍କର ଅନ୍ତଃକରଣ ଫେରାଇ ଅଛ । ଏହା ଏହି ଲୋକମାନେ ଯେପରି ଜାଣି ପାରିବେ, ଏଥିପାଇଁ ମୋ କଥା ଶୁଣ, ହେ ସଦାପ୍ରଭୁ ମୋ କଥା ଶୁଣ । ସେତେବେଳେ ସାଦାପ୍ରଭୁଙ୍କ ଅଗ୍ନିପତିତ ହୋଇ ହୋମାର୍ଥକ ବଳି ଓ କାଷ୍ଠ ଓ ପ୍ରସ୍ତର ସବୁ ଓ ଧୂଳି ଗ୍ରାସକରି ଖାଇରେ ଥିବା ଜଳ ଶୁଷି ପକାଇଲା । ( ୧ମ ରାଜାବଳି ୧୮:୩୬,୩୭ ଏଲୀୟଙ୍କ ପ୍ରାର୍ଥନା ପରମେଶ୍ୱର ଶୁଣିଲେ । "ଏଥିରେ ସମସ୍ତ ଲୋକ ଏହା ଦେଖି ମୁହଁ ମାଡ଼ି ପଡ଼ି କହିଲେ । ସଦାପ୍ରଭୁ ହିଁ ପରମେଶ୍ୱର ସଦାପ୍ରଭୁ ହିଁ ପରମେଶ୍ୱର ଅଟନ୍ତି ।"

ଦ୍ୱିତୀୟ ପ୍ରାର୍ଥନା ଆମ୍ଭେମାନେ ୨ୟ ରାଜାବଳି ୧୯ମ ପର୍ବ ୧୫ ରୁ ୧୯ରେ ପଢ଼ିପାରୁ । "ଆଉ ହିଜକିୟ ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କରି କହିଲେ, ହେ କିରୂବଗଣ ଉପରେ ଉପବିଷ୍ଟ ସଦାପ୍ରଭୁ

ଇସ୍ରାଏଲର ପରମେଶ୍ୱର ତୁମ୍ଭେ କେବଳ ପୃଥିବୀସ୍ଥ ସମୁଦାୟ ରାଜ୍ୟର ପରମେଶ୍ୱର ଅଟ, ତୁମ୍ଭେ ସ୍ୱର୍ଗ ଓ ପୃଥିବୀ ନିର୍ମାଣ କରିଅଛ ହେ ସଦାପ୍ରଭୋ, ଆପଣା କର୍ଣ୍ଣ ଡେରି ଶୁଣ, ହେ ସଦାପ୍ରଭୋ, ଆପଣା ଚକ୍ଷୁ ଫିଟାଅ ଓ ଦେଖ, ଜୀବନ୍ତ ପରମେଶ୍ୱରଙ୍କୁ ଅଧିକାର କରିବା ପାଇଁ ସନ୍ହେରିବ ଯାହା କହି ପଠାଇଅଛି । ତାହାର ସେହି କଥା ଶୁଣ । ହେ ସଦାପ୍ରଭୋ, ଅଶୂରୀୟ ରାଜାମାନେ ନାନା ଗୋଷ୍ଠୀ ଓ ସେମାନଙ୍କ ଦେଶ ଉଚ୍ଛିନ୍ନ କରି ଅଛନ୍ତି ଓ ସେମାନଙ୍କ ଦେବତାଗଣଙ୍କୁ ଅଗ୍ନିରେ ନିକ୍ଷେପ କରି ଅଛନ୍ତି, ଏହା ସତ୍ୟ, କାରଣ ସେମାନେ ପରମେଶ୍ୱର ନଥିଲେ, ମନୁଷ୍ୟର ହସ୍ତକୃତ କର୍ମ କାଷ୍ଠ ଓ ପ୍ରସ୍ତର ମାତ୍ର । ଏ ହେତୁ ସେହି ରାଜାମାନେ ସେମାନଙ୍କୁ ବିନାଶ କଲେ ।" ହିଜକିୟଙ୍କ ପ୍ରାର୍ଥନା ପରମେଶ୍ୱର ଶ୍ରବଣ କଲେ ଅନନ୍ତର ସେହି ରାତ୍ରୀ ସଦାପ୍ରଭୁଙ୍କ ଦୂତ ବାହାରି ଅଶୂରୀୟମାନଙ୍କ ଛାଉଣିରେ ଏକ ଲକ୍ଷ ପଞ୍ଚାଶୀ ସହସ୍ର ଲୋକ ସଂହାର କଲେ, ପୁଣି ଲୋକମାନେ ଅତି ପ୍ରଭାତରେ ଉଠନ୍ତେ, ଦେଖ, ସେ ସମସ୍ତ ମୃତଶବ ହୋଇ ଅଛନ୍ତି ।" ( ୩୭ଶ ପଦ )

ତୃତୀୟ ଆଦର୍ଶ ପ୍ରାର୍ଥନା ବିଷୟରେ ପବିତ୍ର ଭାବବାଦୀ ଓ ଦୁଷ୍ଟ ରାଜାଙ୍କ ସଂଘର୍ଷ ସମୟରେ ଆମ୍ଭେମାନେ ପଢ଼ିପାରୁ । ରାଜା ଦାରୟାବସ ଏକଶତ ବିଂଶତି କ୍ଷିତିପାଳ ଉପରେ ତିନିଜଣ ଅଧ୍ୟକ୍ଷ ନିଯୁକ୍ତ କଲେ । ଅଠାଅଣୀ ବର୍ଷ ବୟସ୍କ ଦାନିଏଲ ସେମାନଙ୍କ ମଧ୍ୟରୁ ଜଣେ । ଅନ୍ୟ ଅଧ୍ୟକ୍ଷ ଓ କ୍ଷିତିପାଳମାନେ ଦାନିଏଲଙ୍କ ପ୍ରତି ଇର୍ଷା କରି ତାହାଙ୍କ ଠାରେ କୌଣସି ଦୋଷ ନ ପାଇପାରୁ ଦାନିୟେଲଙ୍କ କ୍ଷତି କରିବା ନିମନ୍ତେ ରାଜାଙ୍କ ଦ୍ୱାରା ଏକ ନିୟମ ପ୍ରଚଳିତ କରାଇଲେ । ଯେଉଁ ଯେଉଁଥିରେ ତିରିଶି ଦିନ ପର୍ଯ୍ୟନ୍ତ ରାଜାଙ୍କ ବ୍ୟତୀତ ଅନ୍ୟ କୌଣସି ଦେବତାଙ୍କୁ ଯେ ପ୍ରାର୍ଥନା କରିବ ସେ ସିଂହମାନଙ୍କ ଗର୍ତ୍ତରେ ନିକ୍ଷିପ୍ତ ହେବ । କିନ୍ତୁ ବିଶ୍ୱସ୍ତ ଦାନିୟେଲ ଦିନ ମଧ୍ୟରେ ତିନିଥର ଆଣ୍ଠୁ ପାତି ପ୍ରାର୍ଥନା କରିବାକୁ ବିରତ ନୋହିଲେ । ସେ ରାଜା ଆଜ୍ଞା ଲଙ୍ଘନ କରି

'ଏଉତ୍ତାରେ ରଜା ଆପଣା ଅଟ୍ଟାଳିକାକୁ ଯାଇ ଉପବାସରେ ରାତ୍ରି କ୍ଷେପଣ କଲା ଓ ବାଦ୍ୟଯନ୍ତ୍ର ତାହା ନିକଟକୁ ଅଣାଗଲା ନାହିଁ । ଆଉ ତାହାର ନିଦ୍ରା ନୋହିଲା । ଅନନ୍ତର ରଜା ଅତି ପ୍ରଭାତରୁ ଉଠି ଶୀଘ୍ର, ସିଂହମାନଙ୍କ ଗର୍ତ୍ତ ନିକଟକୁ ଗଲା । ପୁଣି, ଗର୍ତ୍ତ ନିକଟରେ ଦାନିୟେଲଙ୍କ ପାଖରେ ଉପସ୍ଥିତ ହୋଇ ବିଳାପ ସ୍ୱରରେ ଡାକିଲେ, ରଜା ଦାନିୟେଲଙ୍କୁ କହିଲା ହେ ଜୀବନ୍ତ ପରମେଶ୍ୱରଙ୍କ ସେବକ ଦାନିୟେଲ ତୁମ୍ଭେ ନିତ୍ୟ ନିତ୍ୟ ଯାହାଙ୍କର ସେବା କରୁଅଛ, ତୁମ୍ଭର ସେହି ପରମେଶ୍ୱର ସିଂହମାନଙ୍କ ଠାରୁ ତୁମ୍ଭଙ୍କୁ ଉଦ୍ଧାର କରିବାକୁ କି ସମର୍ଥ ଅଟନ୍ତି ? ତହିଁରେ ଦାନିୟେଲ ରଜାଙ୍କୁ କହିଲେ ହେ ମହାରାଜ ଚିରଜୀବୀ ହୁଅନ୍ତୁ । ମୋର ପରମେଶ୍ୱର ଆପଣା ଦୂତ ପଠାଇ ସିଂହମାନଙ୍କ ମୁଖ ବନ୍ଦ କରିଅଛନ୍ତି ଓ ସେମାନେ ମୋର କ୍ଷତି କରି ନାହାନ୍ତି, କାରଣ ତାହାଙ୍କ ସମ୍ମୁଖରେ ମୋର ନିର୍ଦ୍ଦୋଷତା ଦେଖାଗଲା, ପୁଣି ହେ ମହାରଜ । ମୁଁ ଆପଣଙ୍କ ସାକ୍ଷାତରେ ହିଁ କୌଣସି କ୍ଷତି କରି ନାହିଁ । ତହିଁରେ ରଜା ଅତିଶୟ ଆନନ୍ଦିତ ହୋଇ ଦାନିୟେଲଙ୍କୁ ଗର୍ତ୍ତରୁ ଉଠାଇ ଆଜ୍ଞା ଦେଲା । ତହୁଁ ଦାନିଏଲ ଗର୍ତ୍ତରୁ ଉଠାଗଲେ ଓ ତାଙ୍କ ଶରୀରରେ କୌଣସି ପ୍ରକାର କ୍ଷତି ଦେଖା ନ ଗଲା, କାରଣ ସେ ଆପଣା ପରମେଶ୍ୱରଙ୍କଠାରେ ବିଶ୍ୱାସ କରିଥିଲେ । ( ଦାନିୟେଲ ୬ : ୧୯-୨୩ )

**ଖ୍ରୀଷ୍ଟ ଆମ୍ଭମାନଙ୍କ ଆଦର୍ଶ :—**

ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ଆଦର୍ଶ ଅଟନ୍ତି । ଆମ୍ଭମାନଙ୍କ ସଦୃଶ୍ୟ ସର୍ବପ୍ରକାରରେ ପ୍ରଲୋଭିତ ହେଲେ ସୁଦ୍ଧା, ସେ ପ୍ରାର୍ଥନାର ଦ୍ୱାରା ଜୟୀ ହୋଇଥିଲେ । ତେଣୁ କରି ଆପଣା ଶିଷ୍ୟମାନଙ୍କୁ ସେ କହନ୍ତି ପରୀକ୍ଷାରେ ଯେପରି ନ ପଡ଼, ଏଥିପାଇଁ ପ୍ରାର୍ଥନା କର । (ଲୂକ ୨୨ : ୪୦) । ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ଦିନରୁ ଆରମ୍ଭ କରି, ଚାଳିଶି ଦିବା ରାତ୍ର ଉପବାସ କରି ଶୟତାନ ଦ୍ୱାରା ପରୀକ୍ଷିତ ହେବା ସମୟରେ ତଥା ମୃତ୍ୟୁ ପର୍ଯ୍ୟନ୍ତ

ରକ୍ଷା କରିବାକୁ ସମର୍ଥ, ତାହାଙ୍କ ନିକଟରେ ସେ ଆପଣା ପାର୍ଥିବ
ଜୀବନରେ ଥିବା ସମୟରେ ପ୍ରବଳ ଆର୍ତ୍ତନାଦ ଓ ଅଶ୍ରୁ ସହକାରେ
ପ୍ରାର୍ଥନା ଓ ବିନତି ଉତ୍ସର୍ଗ କରିଥିଲେ, ଆଉ ଉତ୍ତର ସ୍ୱରୂପେ
ଆଶଙ୍କାରୁ ରକ୍ଷାପାଇ ପୁତ୍ର ହେଲେ ହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞା-
ବହତାଶିକ୍ଷା କଲେ, ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି
ପରିତ୍ରାଣର କାରଣ ସ୍ୱରୂପ ହେଲେ । ( ଏବ୍ରୀ ୫ : ୭-୯ )

ତାହାଙ୍କ ଶିଷ୍ୟମାନେ କିପରି ପ୍ରାର୍ଥନା କରିବାକୁ ଆବଶ୍ୟକ ଶିଖାଇବାକୁ ଅନୁରୋଧ କରିବା ସମୟରେ ସେ ଏକ ନମୁନା ପ୍ରାର୍ଥନା ସେମାନଙ୍କୁ ଶିଖାଇଥିଲେ, ଯାହା 'ପ୍ରଭୁଙ୍କ ପ୍ରାଥନା ରୂପେ ସୁପରିଚିତ 'ଅତଏବ ତୁମ୍ଭେମାନେ ଏହି ପ୍ରକାରେ ପ୍ରାର୍ଥନା କର, ହେ ଆମ୍ଭ-ମାନଙ୍କ ସ୍ୱର୍ଗସ୍ଥ ପିତା, ତୁମ୍ଭର ନାମ ପବିତ୍ର ବୋଲି ମାନ୍ୟ ହେଉ । ତୁମ୍ଭର ରାଜ୍ୟ ଆସୁ । ଯେପରି ସ୍ୱର୍ଗରେ ସେପରି ପୃଥିବୀରେ ତୁମ୍ଭର ଇଚ୍ଛା ସଫଳ ହେଉ । ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧୀମାନଙ୍କୁ କ୍ଷମା କରଅଛୁ ସେପରି ଆମ୍ଭମାନଙ୍କର ଅପରାଧ ସବୁ କ୍ଷମା କର । ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ, ମାତ୍ର ମନ୍ଦରୁ ରକ୍ଷା କର ( ଯେଣୁ ରାଜତ୍ୱ ପରାକ୍ରମ ଗୌରବ ଯୁଗେ ଯୁଗେ ତୁମ୍ଭର । ଆମେନ୍ । (ମାଥିଉ ୬ : ୯-୧୩)

'ପ୍ରଭୁଙ୍କ ପ୍ରାର୍ଥନାରେ ଧନ୍ୟବାଦ ପଦ ପାଇ ନପାରୁ ଯଦିଓ ଧନ୍ୟବାଦ ଦେବା ପ୍ରାର୍ଥନାର ଏକ ମୁଖ୍ୟ ଅଂଶ । ( କଲସୀ ୧ : ୩, ୧ମ ଥେସ ୫ : ୧୭-୧୮, ଫିଲିପ ୧ : ୩, ୪, ୪ : ୬ ) । ପ୍ରାର୍ଥନାର ଅନ୍ୟମୁଖ୍ୟ ବିଷୟ ହେଲା, ତାହାଙ୍କ ନାମ ପବିତ୍ର ରୂପେ ମାନ୍ୟ କରିବା, ତାହାଙ୍କ ରାଜ୍ୟର ବିସ୍ତୃତି କାଂକ୍ଷା କରିବା, ଜୀବନ ଦାୟକ ପରମେଶ୍ୱରଙ୍କ ଉପରେ ଆମ୍ଭମାନଙ୍କ ସ୍ଥିତି ନିମନ୍ତେ ନିର୍ଭର କରିବା, ଅନ୍ୟମାନଙ୍କୁ କ୍ଷମା ଦେବା, ମନ୍ଦରୁ ରକ୍ଷା ପାଇ ପବିତ୍ର ରୂପେ ଜୀବନ ଯାପନ କରିବା ଯୁଗେ ଯୁଗେ ଗୌରବ ମହିମା କୀର୍ତ୍ତନ କରିବା

ଫାରୂଶୀମାନଙ୍କ ଗର୍ବ ପ୍ରାର୍ଥନାକୁ ସେ ନିନ୍ଦା କଲେ କିନ୍ତୁ ସେ ନିଜେ ପରମେଶ୍ୱରଙ୍କୁ ପ୍ରାର୍ଥନା କରି ରାତ୍ରି ଯାପନ କରୁଥିଲେ । ( ଲୂକ ୬ : ୧୨) ଗେଥ୍‌ଶିମାନୀ ଉଦ୍ୟାନରେ ଶତ୍ରୁ ହସ୍ତରେ ସମର୍ପିତ

ହେବା ପୂର୍ବରୁ ପାନପାତ୍ର ଦୂର କରିବା ନିମନ୍ତେ ସେ ତିନିଥର ପ୍ରାର୍ଥନା କଲେ । '… … ହେ ମୋହର ପିତା ପାନ ନ କଲେ ଏହି ପାତ୍ର ଯଦି ମୋ ଠାରୁ ଦୂର ହୋଇ ନପାରେ ତେବେ ତୁମ୍ଭର ଇଚ୍ଛା ସଫଳ ହେଉ' ( ମାଥିଉ ୨୬ : ୨-୪୪ ) । କ୍ଳାନ୍ତ ନ ହୋଇ ସର୍ବଦା ପ୍ରାର୍ଥନା କରିବା ଯେ କର୍ତ୍ତବ୍ୟ ଏ ବିଷୟରେ ସେ ସେମାନଙ୍କୁ ଏକ ବିଧବା ବାରମ୍ବାର ଏକ ଅଧାର୍ମିକ ବିଚାରକର୍ତ୍ତାଙ୍କୁ ବିନତି କରିବାର ଦୃଷ୍ଟାନ୍ତ କହିଥିଲେ । ( ଲୂକ ୧୮ : ୧-୮ ) ତାହାଙ୍କ ଆଦର୍ଶ ଅନୁସରଣ କରି ପ୍ରେରିତ ପାଉଲ ଆପଣା ଶରୀରରେ ଥିବା କଣ୍ଟକ ଦୂର କରିବା ପାଇଁ ତିନିଥର ପ୍ରଭୁଙ୍କ ଠାରେ ପ୍ରାର୍ଥନା କରିଥିଲେ । କିନ୍ତୁ ଉତ୍ତରରେ ପ୍ରଭୁ କହିଲେ । ଆମ୍ଭର ଅନୁଗ୍ରହ ତୁମ୍ଭ ନିମନ୍ତେ ଯଥେଷ୍ଟ ।" ( ୨ୟ କରନ୍ଥୀ ୧୨ : ୭, ୮ )

"ଧାର୍ମିକମାନଙ୍କ ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରି ପାରେ ।" ( ଯାକୁବ ୫ : ୧୬ ) "ଧାର୍ମିକମାନଙ୍କ ପ୍ରତି ପ୍ରଭୁଙ୍କ ଦୃଷ୍ଟି ଅଛି, ସେମାନଙ୍କ ବିନତି ପ୍ରତି ତାହାଙ୍କ କର୍ଣ୍ଣ ଉନ୍ମୁକ୍ତ ଅଟେ । ( ୧ମ ପିତର ୩ : ୧୨ ) । "ପୁଣି ବିଶ୍ୱାସ କରି ପ୍ରାର୍ଥନାରେ ଯାହା କିଛି ମାଗିବ । ସେହି ସବୁ ପାଇବ ।" ( ମାଥିଉ ୨୧ : ୨୨ ) " ଯଦି ଗୋଟିଏ ସୋରିଷଦାନାପରି ତୁମ୍ଭମାନଙ୍କର ବିଶ୍ୱାସ ଥାଏ, ତାହା ହେଲେ ଏହି ପର୍ବତକୁ 'ଏଠାରୁ ସେଠାକୁ ଘୁଞ୍ଚିଯା ବୋଲି କହିଲେ ତାହା ଘୁଞ୍ଚିଯିବ …… ।" ( ମାଥିଉ ୧୭ : ୨୦) ପୁଣି, ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ପ୍ରାର୍ଥନା ଶୁଣନ୍ତି ତାହାଙ୍କ ସମ୍ମୁଖରେ ଆମ୍ଭମାନଙ୍କର ଏହି ସାହସ ଅଛି ।" (୧ମ ଯୋହନ ୫ : ୧୪ ) ଗେଥଶିମାନି ଉଦ୍ୟାନରେ ପ୍ରଭୁଙ୍କ ପ୍ରାର୍ଥନା ଆମ୍ଭମାନଙ୍କ ନିମନ୍ତେ ଆଦର୍ଶ ପ୍ରାର୍ଥନା ହେଉ । ହେ ମୋହର ପିତା, ଯଦି ହୋଇ ପାରେ ତେବେ, ତେବେ ଏହି ପାନପାତ୍ର ମୋ'ଠାରୁ ଦୂର ହେଉ, ତଥାପି ମୋହର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ।" (ମାଥିଉ ୨୬ : ୩୯)

ବାହ୍ୟକ ଆଡ଼ମ୍ବର ପରମେଶ୍ୱରଙ୍କ ତୁଷ୍ଟିଜନକ ନୁହେଁ । କୁକଳ୍ପନା ଦୁଷ୍ଟ ଇଶ୍ରାଏଲ ହୃଦୟର ବିଭିନ୍ନ ବଳିଦାନ ତାହାଙ୍କ ନିମନ୍ତେ ନିଃସାର ହୋଇ ପଡ଼ିଥିଲା । ( ଯିଶାଇୟ ୧ : ୧୧-୧୪ ) ଦୀର୍ଘ ବସନ ପରିଧାନ ନଗର ଛକରେ ଦୀର୍ଘ ପୁନଃପ୍ରବୃତ୍ତି ପ୍ରାର୍ଥନା, ହାଟ ବଜାରରେ ନମସ୍କାର, ସମାଜ ଗୃହରେ ପ୍ରଧାନ ଆସନ ଭଲ ପାଇବା ଫାରୁଶୀ ଓ ଶାସ୍ତ୍ରୀମାନଙ୍କ ପ୍ରାର୍ଥନାକୁ ଯୀଶୁଖ୍ରୀଷ୍ଟ ନିନ୍ଦାକରନ୍ତି ( ଲୂକ ୨୦ : ୪୬-୪୭ ) । ' ମୁ ଅନ୍ୟ ସମସ୍ତ ଲୋକଙ୍କ ପରି ଅତ୍ୟାଚାରୀ ଅଧାର୍ମିକ ବ୍ୟଭିଚାରୀ କିମ୍ବା ଏହି କରଗ୍ରାହୀ ପରି ସୁଦ୍ଧା ନୁହେଁ ବୋଲି ଆତ୍ମ ପ୍ରଶଂସାକାରୀ ଫାରୁଶୀର ପ୍ରାର୍ଥନା ପ୍ରଭୁଙ୍କ ଗ୍ରହଣ ଯୋଗ୍ୟ ହୋଇ ନଥିଲା । କିନ୍ତୁ ହେ ଈଶ୍ୱର, ମୁଁ ଜଣେ ପାପୀ ମୋତେ ଦୟାକର, କରଗ୍ରାହୀର ଏହି ନମ୍ର ପ୍ରାର୍ଥନା ତାହାଙ୍କ ଗ୍ରହଣ ଯୋଗ୍ୟ ହୋଇଥିଲା । କାରଣ " ଈଶ୍ୱର ଅହଂକାରମାନଙ୍କ ପ୍ରତିରୋଧ କରି ନମ୍ର ଲୋକମାନଙ୍କୁ ଅନୁଗ୍ରହ କରନ୍ତି ।" ( ଲୂକ ୧୮ : ୧୦-୧୩, ୧ମ ପିତର ୫ : ୫ ) ଆପଣା ଆପଣା ଅପରାଧୀମାନଙ୍କୁ କ୍ଷମା କରିଥିବା ହୃଦୟର ପ୍ରାର୍ଥନା ପରମେଶ୍ୱରଙ୍କ ଗ୍ରାହ୍ୟ ଯୋଗ୍ୟ । କାରଣ ପ୍ରଭୁଙ୍କ ପ୍ରାର୍ଥନାରେ ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧୀମାନଙ୍କୁ କ୍ଷମା କରୁଅଛୁ ସେପରି ଆମ୍ଭମାନଙ୍କର ଅପରାଧ ସବୁ କ୍ଷମା କର ବୋଲି ପ୍ରଭୁଯୀଶୁ ଆପଣା ଶିଷ୍ୟମାନଙ୍କୁ ଶିଖାଇଥିଲେ । ( ମାଥିଉ ୬ : ୧୨ )

ବାଇବଲ ଇତିହାସରେ ଧାର୍ମିକ ପୁରୁଷମାନେ ବିଭିନ୍ନ ଭାବେ ପ୍ରାର୍ଥନା କରିବା ଆମ୍ଭେମାନେ ବାକ୍ୟରେ ପଢ଼ି ଥାଉଁ । ଅବ୍ରାହମ ଯଜ୍ଞ ବେଦି ନିର୍ମାଣ କରି ପ୍ରାର୍ଥନା କଲେ, ଦାଉଦ ମହାରାଜ ପରମେଶ୍ୱରଙ୍କ ସମ୍ମୁଖରେ ବସି ପ୍ରାର୍ଥନା କଲେ । ଶଲମୋନ ଆଣ୍ଠୁ-ପାତି ଏଲୀୟ ଦୁଇ ଆଣ୍ଠୁ ମଝିରେ ମୁହଁ ଲୁଚାଇ, ହିଜକୀୟ କାନ୍ଥ ଆଡେ ମୁହଁ ବୁଲାଇ, ଏଜ୍ରା ଆପଣା ହସ୍ତ ଊର୍ଦ୍ଧ୍ୱସ୍ତ କର ନିହିମିୟା ଅଶ୍ରୁ ଗଡ଼ାଇ, କରଗ୍ରାହୀ ଛାତି ମାରି ଆକାଶ ଆଡ଼େ ଊର୍ଦ୍ଧ୍ୱ ଦୃଷ୍ଟି କରି ପ୍ରାର୍ଥନା କରିବା ବିଷୟ ବାକ୍ୟରେ ପଢ଼ିଥାଉଁ । ଯଦ୍ୟପି ଆମ୍ଭେମାନେ ଏପରି ଭାବେ ପ୍ରାର୍ଥନା କରୁ ନାହୁଁ, ତଥାପି [illegible] ଆଖି ବନ୍ଦ ପ୍ରାର୍ଥନା କରୁ ।

ଶାମୁୟେଲ ଯେତେବେଳେ ଦଗ୍ଧ ପୋଷ୍ୟ ମେଷବତ୍ସ ନେଇ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମୁଦାୟ ହୋମ ବଳି ଉତ୍ସର୍ଗ କଲେ । ଆଉ ଇସ୍ରାଏଲ ପାଇଁ ସଦାପ୍ରଭୁଙ୍କ ନିକଟରେ କ୍ରନ୍ଦନ କଲେ ସଦାପ୍ରଭୁ ତାହାଙ୍କ ପ୍ରାର୍ଥନା ଶୁଣିଲେ । ( ୧ମ ଶାମୁୟେଲ ୭ : ୯ ) ଦାଉଦ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞ ବେଦି ନିର୍ମାଣ କରି ହୋମ ବଳି ଓ ମଙ୍ଗଳାର୍ଥ ବଳି ଉତ୍ସର୍ଗ କଲେ ଏବଂ ସଦାପ୍ରଭୁ ତାହାଙ୍କ ପ୍ରାର୍ଥନା ଶୁଣିଲେ ।" ( ୧ମ ବଂଶାବଳି ୨୧ : ୨୬ ) । ଯଦିଓ ବିଲିୟମ ୨୧ ଯଜ୍ଞ ବେଦି ନିର୍ମାଣ କଲେ । ତାହାଙ୍କ ପ୍ରାର୍ଥନା ପରମେଶ୍ୱରଙ୍କ ଗ୍ରାହ୍ୟଯୋଗ୍ୟ ନୋହିଲା ।

ପୁରାତନ ନିୟମାନୁଯାୟୀ ପ୍ରାର୍ଥନା କରିବା ଆମ୍ଭମାନଙ୍କ ନିମନ୍ତେ ଆବଶ୍ୟକ ନାହିଁ । ଯୀଶୁଖ୍ରୀଷ୍ଟ ସମସ୍ତ ମନୁଷ୍ୟ ଜାତି ନିମନ୍ତେ ଆପଣାକୁ ବଳିଦାନ ଦେଇଥିବାରୁ ଏବେ ବଳିଦାନର ଆଉ ଆବଶ୍ୟକ ନାହିଁ । ଆମ୍ଭମାନଙ୍କ ବ୍ୟର୍ଥ ଓ ସ୍ୱଇଚ୍ଛା ଜନକ ଉପାସନା ନିମନ୍ତେ ଦଣ୍ଡିତ ହେବା ।

ତେବେ ଆମ୍ଭେମାନେ କିପରି ପ୍ରାର୍ଥନା କରିବା ଆବଶ୍ୟକ ? ଯୀଶୁ କହିଲେ, ପୁଣି ବିଶ୍ୱାସ କରି ପ୍ରାର୍ଥନାରେ ଯାହା କିଛି ମାଗିବ ସେହି ସବୁ ପାଇବା ।" ( ମାଥିଉ ୨୧ : ୨୨ ) । ଆମ୍ଭମାନଙ୍କ ପ୍ରାର୍ଥନାର କେତୋଟି ବିଷୟ ବସ୍ତୁ :—

୧] ପାପ ନିମନ୍ତେ କ୍ଷମା ପ୍ରାର୍ଥନା ( ମାଥିଉ ୬ : ୯-୧୩ )

୨] ସୁଜ୍ଞ, ପବିତ୍ର ଊର୍ଦ୍ଧ୍ୱସ୍ଥ ଜ୍ଞାନ ନିମନ୍ତେ ( ଯାକୁବ ୧ : ୫, ୧୭ )

୩] ଆମ୍ଭମାନଙ୍କ ପ୍ରୟୋଜନୀୟ ଆହାର ନିମନ୍ତେ ପ୍ରାର୍ଥନା ।

୪] ରୋଗୀମାନଙ୍କ ନିମନ୍ତେ ( ଯାକୁବ ୫ : ୧୩-୧୫ )

୫] ଶାନ୍ତି ଓ ନିର୍ବିଘ୍ନତାରେ ଜୀବନଯାପନ କରିବା ନିମନ୍ତେ

୬] ଦୁଃଖ, କଷ୍ଟ, ରୋଗରୁ ମୁକ୍ତି ନିମନ୍ତେ ( ୨ କରନ୍ଥୀ ୧୨ : ୧୫)

ଆମ୍ଭମାନଙ୍କ ପ୍ରାର୍ଥନା ଆମ୍ଭମାନଙ୍କ କୁଅଭିଳାଷ ନିମନ୍ତେ ନ ହେଉ । ଯାକୁବ ୪: ୨-୩ ) । ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପ୍ରାର୍ଥନାର ଆଦର୍ଶ । ଶେଷରେ "ନିରନ୍ତର ପ୍ରାର୍ଥନା କର । ସବୁ ଅବସ୍ଥାରେ ଧନ୍ୟବାଦ ଦିଅ, କାରଣ ତୁମ୍ଭମାନଙ୍କ ବିଷୟରେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଏହା ଈଶ୍ୱରଙ୍କ ଅଭିମତ ।" ( ୧ମ ଥେସଲନୀ ୫ : ୧୭-୧୮ )

—PAT HARDEMAN

—o—

## ପବିତ୍ର ଆତ୍ମାଙ୍କ ବିଷୟରେ ବାଇବଲର ଶିକ୍ଷା

## ( Bible Teaching About the Holy Spirit )

"ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ସେହି ଆତ୍ମା ସ୍ୱୟଂ ଆମ୍ଭମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି । ଆଉ ଯଦି ସନ୍ତାନ, ତେବେ ଉତ୍ତରାଧିକାରୀ ଅର୍ଥାତ ଯଦି ଖ୍ରୀଷ୍ଟଙ୍କ ସହିତ ଗୌରବାନ୍ୱିତ ମଧ୍ୟ ହେବା ନିମନ୍ତେ ଆମ୍ଭେମାନେ ତାହାଙ୍କ ସାଙ୍ଗରେ ଦୁଃଖ ଭୋଗ କରୁ, ତେବେ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହ ଉତ୍ତରାଧିକାରୀ ଅଟୁ ।" ( ରୋମୀୟ ୮ : ୧୬-୧୭ )

ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ଓ ତାହାଙ୍କ କାର୍ଯ୍ୟ ବିଷୟ ଅନେକ ଭ୍ରାନ୍ତମତ ଖ୍ରୀଷ୍ଟୀୟ ଜଗତରେ ଚଳି ଆସୁଅଛି । ଖ୍ରୀଷ୍ଟିୟାନମାନେ ମୁଗ୍ଧ । "ସତ୍ୟ ରୂପ ଆତ୍ମା"ଙ୍କ ବିଷୟରେ ଅଜ୍ଞ ଅଟନ୍ତି । ପବିତ୍ର ଆତ୍ମାଙ୍କୁ ପିତା ପରମେଶ୍ୱର ଓ ତ୍ରାଣକର୍ତ୍ତା ପ୍ରଭୁଯୀଶୁଖ୍ରୀଷ୍ଟଙ୍କ ସହିତ ସମାନ ରୂପେ ପ୍ରେରିତ ଯୋହନ ଆମ୍ଭମାନଙ୍କୁ ପରିଚିତ କରାନ୍ତି "ଆଉ ଆତ୍ମା ମଧ୍ୟ ଏଥିର ସାକ୍ଷ୍ୟ ଦିଅନ୍ତି । କାରଣ ଆତ୍ମା ହିଁ ସତ୍ୟ । ଆତ୍ମା, ଜଳ ଓ ରକ୍ତ ଏହି ତିନି ସାକ୍ଷ୍ୟ ଦିଅନ୍ତି, ପୁଣି ଏ ତିନିର ସାକ୍ଷ୍ୟ ଏକ ।" ( ୧ମ ଯୋହନ ୫ : ୭, ୮ )

ସ୍ୱର୍ଗାରୋହଣ ପୂର୍ବରୁ ଆପଣା ଶିଷ୍ୟମାନଙ୍କୁ ଦେଇଥିବା ଶ୍ରେଷ୍ଠତମ ଆଜ୍ଞାରେ ଯୀଶୁଖ୍ରୀଷ୍ଟ, ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିଜିତ କରିବା ନିମନ୍ତେ ଆଜ୍ଞା ଦେଇ ପବିତ୍ର ଆତ୍ମାଙ୍କୁ ପୁତ୍ରଙ୍କ ସହିତ ସମାନ ରୂପେ ଉପସ୍ଥାପିତ କରନ୍ତି ।

ସୃଷ୍ଟିରେ ପବିତ୍ର ଆତ୍ମାଙ୍କ ସ୍ଥାନ ବିଷୟରେ ମୋଶା କରନ୍ତି "ପୃଥିବୀ ନିର୍ଜନ ଓ ଶୂନ୍ୟ ଥିଲା । ଆଉ ଗଭୀର ଜଳଉପରେ ଅନ୍ଧକାର ଥିଲା । ପୁଣି ପରମେଶ୍ୱରଙ୍କ ଆଜ୍ଞା ଜଳ ଉପରେ ବ୍ୟାପ୍ତ ଥିଲେ ।" ( ଆଦି ୧ : ୨ ) ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁ ପବିତ୍ର ଆତ୍ମାଙ୍କ କାର୍ଯ୍ୟକୁ ତିନୋଟି ଭାଗ ବିଭକ୍ତ କରିଅଛନ୍ତି । ଯାହା ପ୍ରେରିତ ଯୋହନଙ୍କ ସୁସମାଚାର ୧୪, ୧୫, ଓ ୧୬ ପର୍ବମାନଙ୍କରେ ପଢ଼ିପାରୁ ।

ଯୋହନ ୧୪ : ୨୬ :— "କିନ୍ତୁ ସେହି ସାହାଯ୍ୟକାରୀ ଅର୍ଥାତ୍ ଯେଉଁ ପବିତ୍ରଆତ୍ମାଙ୍କୁ ପିତା ମୋ ନାମରେ ପ୍ରେରଣ କରିବେ ସେ ତୁମ୍ଭମାନଙ୍କୁ ସମସ୍ତ ବିଷୟ ଶିକ୍ଷା ଦେବେ, ଆଉ ମୁଁ ତୁମ୍ଭମାନଙ୍କୁ ଯାହା ଯାହା କହିଅଛି, ସେହି ସବୁ ତୁମ୍ଭମାନଙ୍କୁ ସ୍ମରଣ କରିବେ ଅତଏବ, ପବିତ୍ର ଆତ୍ମା ପିତା ଯୀଶୁଖ୍ରୀଷ୍ଟଙ୍କ ନାମରେ ପିତାଙ୍କ ଠାରୁ ଆଗତ ଶକ୍ତି ଅଟନ୍ତି ଯିଏ ଶିଷ୍ୟମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଦତ୍ତ ଶିକ୍ଷା ଗୁଡ଼ିକ ଜ୍ଞାତ କରାନ୍ତି । ଆଧୁନିକ ଶିକ୍ଷାବଳୀ କିଅବା ମନୁଷ୍ୟର ସ୍ୱମତର ଏଥିରେ କିଛି ସ୍ଥାନ ନାହିଁ ।

ଯୋହନ ୧୫ : ୨୬ "ପିତାଙ୍କ ନିକଟରୁ ମୁଁ ତୁମ୍ଭମାନଙ୍କ ନିକଟକୁ ଯେଉଁ ସାହାଯ୍ୟକାରୀଙ୍କୁ ପ୍ରେରଣ କରିବି, ପିତାଙ୍କ ଠାରୁ ବହିର୍ଗତ ସେହି ସତ୍ୟମୟ ଆତ୍ମା ଆସିଲେ, ମୋ ବିଷୟରେ ସାକ୍ଷ୍ୟ

ଦେବେ । ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜୀବନ କାହାଣୀ ଆମ୍ଭମାନଙ୍କ ନିମନ୍ତେ ପବିତ୍ର ଆତ୍ମାଙ୍କ ଚାଳନାରେ ଲିଖିତ ହୋଇ ଥିଲା । କନ୍ୟା ଗର୍ଭରୁ ଜାତ ହେବାର ସମୟ ଠାରୁ ସ୍ୱର୍ଗସ୍ଥ ପିତାଙ୍କ ଦକ୍ଷିଣ ପାର୍ଶ୍ୱକୁ ଗୃହୀତ ହେବା ପର୍ଯ୍ୟନ୍ତ ଯୀଶୁଖ୍ରୀଷ୍ଟ ସମସ୍ତ କାର୍ଯ୍ୟ ଶିକ୍ଷାବଳୀ ମାଥିଉ, ମାର୍କ, ଲୂକ ଓ ଯୋହନ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ ଜଗତର ପରିତ୍ରାଣାର୍ଥେ ଲେଖି ଅଛନ୍ତି ବାକ୍ୟ କହେ, "ଯୀଶୁ ଶିଷ୍ୟମାନଙ୍କ ସାକ୍ଷାତରେ ଏହିପରି ଅନେକ ଓ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟ କର୍ମ ସାଧନ କଲେ, ସେହିସବୁ ଏହି ପୁସ୍ତକରେ ଲେଖା ହୋଇ ନାହିଁ । କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି । ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥି ନିମନ୍ତେ ଏହି ସମସ୍ତ ଲେଖା ଯାଇଅଛି । ( ଯୋହନ ୨୦ : ୩୦-୩୧ )

ଯୋହନ ୧୬ : ୧୩-୧୪ — "କିନ୍ତୁ ସେ ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ, କାରଣ ସେ ଆପଣାଠାରୁ କଥା କହିବେ ନାହିଁ ମାତ୍ର ଯାହା ଯାହା ଶୁଣିବେ, ସେହିସବୁ କହିବେ । ପୁଣି ଆଗାମୀ ବିଷୟ ସବୁ ତୁମ୍ଭମାନଙ୍କୁ ଜଣାଇବେ । ସେ ମୋତେ ଗୌରବାନ୍ୱିତ କରିବେ । କାରଣ ସେ ମୋ ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ, ପବିତ୍ର ଆତ୍ମାଙ୍କୁ ଆପଣା ବିଷୟରେ କହିବା ନିମନ୍ତେ ପ୍ରେରିତ ନ ହୋଇ ବରଂ ପଥ ଦେଖାଇ ସମସ୍ତ ସତ୍ୟରେ ପ୍ରବେଶ କରାଇବା ନିମନ୍ତେ ପ୍ରେରିତ ହୋଇଥିଲେ । ତାହାଙ୍କ ଦ୍ୱାରା ଲିଖିତ ନିତ୍ୟ ଜୀବନ ଦାୟକ ବାକ୍ୟ ଦ୍ୱାରା ପ୍ରତ୍ୟେକ ମନୁଷ୍ୟ ଶେଷ ଦିନରେ ବିଚାରିତ

ହେବ । "ପୁଣି ମୁଁ କ୍ଷୁଦ୍ର ଓ ମହାନ ସମସ୍ତ ମୃତ ଲୋକଙ୍କୁ ସିଂହାସନର ସମ୍ମୁଖରେ ଠିଆ ହୋଇଥିବା ଦେଖିଲି ଆଉ ପୁସ୍ତକ ସବୁ ଫିଟିଗଲା । ପରେ ଜୀବନ ପୁସ୍ତକ ନାମକ ଆଉ ଗୋଟିଏ ପୁସ୍ତକ ଫିଟାଗଲା । ସେହି ପୁସ୍ତକମାନଙ୍କରେ ଲିଖିତ ବିଷୟ ପ୍ରମାଣେ ମୃତମାନେ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ । ସମୁଦ୍ର ଆପଣାର ମଧ୍ୟବର୍ତ୍ତୀ ମୃତମାନଙ୍କୁ ସମର୍ପଣ କଲା । ଆଉ ମୃତ୍ୟୁ ଓ ପାତାଳ ସେମାନଙ୍କ ମଧ୍ୟବର୍ତ୍ତୀ ମୃତମାନଙ୍କୁ ସମର୍ପଣ କଲେ, ପୁଣି ସେମାନେ ପ୍ରତ୍ୟେକ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ ।" ( ପ୍ରକାଶିତ ୨୦ : ୧୨-୧୩ )

ପବିତ୍ର ଆତ୍ମାଙ୍କ ଲିଖିତ ନୂତନ ନିୟମର ପୃଷ୍ଠାଗୁଡ଼ିକ ଆମ୍ଭେମାନେ ଅନନ୍ତ ଜୀବନ ଦାୟକ ସତ୍ୟର ସନ୍ଧାନ ପାଇ ପାରୁ । ( ଏଫିସୀ ୨ : ୮-୯ ମାର୍କ ୧୬ : ୧୫-୧୬, ପ୍ରେରିତ ୨୦ ୩୮ : ପ୍ରକୃତ ସତ୍ୟ ଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀ ବିଷୟରେ ତାହାଙ୍କ ଲିଖିତ ବାକ୍ୟଗୁଡ଼ିକରୁ ଜାଣି ପାରୁ । ( ମାଥିଉ ୧୬ : ୧୮-୧୯, ପ୍ରେରିତ ୨ : ୪୭, ୨୦ : ୨୮ ) ତାହାଙ୍କ ବ୍ୟକ୍ତ ବାକ୍ୟଗୁଡ଼ିକରୁ ପରିତ୍ରାଣ ପାପକ୍ଷମାର ସତ୍ୟତା ବୁଝି ପାରୁ ।

ମନୁଷ୍ୟମାନଙ୍କ ମତ ନିୟମ, ଦର୍ଶନ ଶାସ୍ତ୍ର ବା ଆଜ୍ଞାବଳୀ ଆମ୍ଭମାନଙ୍କ ନିଷ୍ପ୍ରୟୋଜନୀୟ । ପବିତ୍ର ଆତ୍ମା ଆମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରନ୍ତି । ହୃଦୟ ମନୋଭାବ, ମାନସିକ ଉତ୍ତେଜନା ପବିତ୍ର ଆତ୍ମାଙ୍କ କାର୍ଯ୍ୟ ନୁହେଁ । କିନ୍ତୁ ତାହାଙ୍କ ଚାଳନାରେ ଲିଖିତ ବାଇବଲର ବାକ୍ୟ ହିଁ ଆମ୍ଭମାନଙ୍କ ପଥପ୍ରଦର୍ଶକ ।

ବର୍ତ୍ତମାନ ଆମ୍ଭେମାନେ କିପରି ପବିତ୍ର ଆତ୍ମାଙ୍କୁ ପାଇ ପାରୁ ? ତାହାଙ୍କ ବାକ୍ୟରେ ବିଶ୍ୱାସ କରି, ତାହାର ଆଜ୍ଞା ବହ ହେବା ଦ୍ୱାରା ( ଗାଲାତୀ ୨ : ୨ ଓ ପ୍ରେରିତ ୫ : ୩୨ । ଗାଲାତୀୟ

ମଣ୍ଡଳୀସ୍ଥ ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ କହନ୍ତି, "ମୋହର ମତ ଏହି ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହା ହେଲେ ତୁମ୍ଭେମାନେ ଶରୀରର ଅଭିଳାଷ ପୂର୍ଣ୍ଣ କରିବ ନାହିଁ । କାରଣ ଶରୀରର ଅଭିଳାସ ଆତ୍ମାଙ୍କ ପ୍ରତିକୂଳ, ଆଉ ଆତ୍ମାଙ୍କ ଅଭିଳାଷ ଶରୀରର ପ୍ରତିକୂଳ, ଯେଣୁ ଏହି ଦୁଇ ପରସ୍ପରର ବିପରୀତ, ଫଳତଃ ତୁମ୍ଭେମାନେ ଯାହା ଯାହା ଇଚ୍ଛା କର, ସେହିସବୁ କରି ପାର ନାହିଁ । ( ଗାଲାତୀ ୫ : ୧୬-୧୭ )

ଆସ ଆମ୍ଭେମାନେ ଆତ୍ମାଙ୍କ ଦ୍ୱାରା ଜୀବନ ପ୍ରାପ୍ତ ହୋଇ ଆତ୍ମାଙ୍କ ଦ୍ୱାରା ମଧ୍ୟ ଆଚରଣ କରୁ । ( ଗାଲାତୀ ୫ : ୨୫ )

—**Fred Dillion**

•••○•••

ରାଜେଶ୍ୱରୀ ପ୍ରେସ, ନବରଙ୍ଗପୁର ॥

# JEALOUSY

**Song of Solomon 8:6; Prov. 6:34; 2Cor. 11:2**

## INTRODUCTION :

1. "A jealous spirit may be good or bad, according to its object and tendency.
2. "Jealousy implies intolerance of rivalry and apprehension of being diplaced."
3. Synonyms of jealousy :
   a. Convetous.
   b. Envious.
   c. Suspicious.
4. Where there is jealousy there is usually doubt, lack of trust, fear, etc.
5. The sin lies in what jealousy leads to.

## DISCUSSION :

**A. Jealousy at work.**

1. Cain and Abel (Gen. 4)
2. Saul and David (1& 2 Sam.).
3. Herod and Christ (Matt. 27:18).

**B. Modern day Jealousy.**

1. Jealousy has broken many homes (called the green-eyed monster).
2. Jealous of one another's attainment.
3. Jealous of other members.
4. Jealous of other congregations.
5. Jealous of preachers.
   a. Time.
   b. Money.
   c. Trips.

**C. Jealousy and envy condemned.**

1. Listed with murder (Rom. 1:29).
2. Envy and strife linked (1Tim. 6:4).

3. Malice and envy (Tit. 3:3).
4. Thou shalt not covet (Rom. 7:7).

**D. Paul's Godly Jealousy (2Cor. 11:2).**

1. Afraid that they would not be true to the Lord.
2. Wanted to present them as a virgin.

**E. The Lord is a Jealous Lord (Ex 20:5).**

1. Wants us to be his.
2. Wants us to wear his name.
3. Wants us to worship him.
4. Wants us to spend our time to his glory.

**CONCLUSION :**

1. Should put our faith in the Lord and his people.
2. To control self always.

- J. C. Choate.

---

From
SATYA VANI
P.o. Box 80
KAKINADA - 533 001
Printed Book only

To

(FOR PRIVATE CIRCULATION ONLY)